SAMBAD
ସମ୍ବାଦ
Largest




Home | Con

ପ୍ରଚାରକୁ ଯିବାବେଳେ ଦୁର୍ଘଟଣା, ମୁଖ୍ୟମନ୍ତ୍ରୀ ଆହତ; ଓଡ଼ିଶାରେ ଆଇଆଇଟି ନ ଖୋଲିବାକୁ ଚକ୍ରାନ୍ତ; ସିଆରପିଏଫ୍ ଯବାନଙ୍କ ଆତଙ୍କରାଜ; ନାବାଳିକାକୁ ଗଣଧ



ଓଡ଼ିଶାରେ ଆଇଆଇଟି ନ ଖୋଲିବାକୁ ଚକ୍ରାନ୍ତ---

## ଓଡ଼ିଶାରେ ଆଇଆଇଟି ନ ଖୋଲିବାକୁ ଚକ୍ରାନ୍ତ

ଭୁବନେଶ୍ୱର (ଇମିସ): ଓଡ଼ିଶାରେ ପ୍ରସ୍ତାବିତ ଆଇଆଇଟିକୁ ଆନ୍ଧ୍ରପ୍ରଦେଶକୁ ସ୍ଥାନାନ୍ତରିତ କରିବାକୁ ଚକ୍ରାନ୍ତ ଚାଲିଛି । ଏ ନେଇ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି । ଏଥିସହିତ ଭୁବନେଶ୍ୱରଠାରେ ଖଡ଼ଗପୁର ଆଇଆଇଟିର ଏକ ଶାଖା ଖୋଲିବାକୁ ଯେଉଁ ଯୋଜନା ଥିଲା ତାହାକୁ ମଧ୍ୟ ସ୍ଥଗିତ ରଖିବାକୁ ଶ୍ରୀ ସିଂହ ଚିଠିରେ ଇଙ୍ଗିତ କରିଛନ୍ତି ।

ଓଡ଼ିଶାରେ ୨ଟି ଆଇଆଇଟି ପ୍ରତିଷ୍ଠା କରାଯିବ ବୋଲି ଗତବର୍ଷ ଅଗଷ୍ଟ ମାସରେ କେନ୍ଦ୍ର ମାନବ ସଂବଳ ରାଷ୍ଟ୍ରମନ୍ତ୍ରୀ ଏ. ଫାତମି ସୂଚନା ଦେଇଥିଲେ । ପାଟନାଠାରେ ଏକ ଉତ୍ସବରେ ଉଦ୍‌ବୋଧନ ଦେବାବେଳେ ସେ କହିଥିଲେ ଯେ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ମୋଟ ୪ଟି ଆଇଆଇଟି ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ଏଥିରୁ ଗୋଟିଏ ବିହାରର ପାଟନାଠାରେ ହେବାକୁ ଥିବାବେଳେ ଦୁଇଟି ଓଡ଼ିଶାରେ ଏବଂ ଗୋଟିଏ ରାଜସ୍ଥାନରେ ସ୍ଥାପନ କରାଯିବ । ଏ ଦିଗରେ କେନ୍ଦ୍ର ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ସେ କହିଥିଲେ । ଏହାଛଡ଼ା ଭୁବନେଶ୍ୱରଠାରେ ଖଡ଼ଗପୁର ଆଇଆଇଟିର ଏକ ଶାଖା ଖୋଲିବାକୁ ମଧ୍ୟ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେଇଥିଲେ । ତଦନୁଯାୟୀ ଖଡ଼ଗପୁର ଆଇଆଇଟିର ମୁଖ୍ୟ ଓଡ଼ିଶା ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ।

କିନ୍ତୁ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଏବେ ଏହି ଯୋଜନାକୁ ବଦଳାଇ ଦେଇଥିବା ଜଣାପଡ଼ିଛି । ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନାମତେ ଓଡ଼ିଶା ବଦଳରେ ଆନ୍ଧ୍ରପ୍ରଦେଶ, ବିହାର ଓ ରାଜସ୍ଥାନରେ ଆଇଆଇଟି ପ୍ରତିଷ୍ଠା ଯୋଜନାକୁ ଏକାଦଶ ଯୋଜନାରେ ସାମିଲ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଯୋଜନା କମିସନ୍‌କୁ ଚିଠି ଲେଖାଯାଇଛି । ଆନ୍ଧ୍ରପ୍ରଦେଶର କଂଗ୍ରେସ ସରକାରଙ୍କ ଚାପରେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ଏଥିପୂର୍ବରୁ କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶର ଓସ୍‌ମାନିଆ ୟୁନିଭର୍ସିଟି ଇଂଜିନିୟରିଂ କଲେଜ୍ ଓ ଆନ୍ଧ୍ର ୟୁନିଭର୍ସିଟି ଇଂଜିନିୟରିଂ କଲେଜର ମାନ୍ୟତାକୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟରିଂ ସାଇନ୍‌ସ ଆଣ୍ଡ ଟେକ୍‌ନୋଲୋଜି ସ୍ତରକୁ ବଢ଼ାଯାଇଛି ।



ଚନ୍ଦ୍ରହାସ

Click here for
WEB ADVERTISEMENT
TARIFF
CLICK

Non-Resident Oriyas
Please Register yourself in our Newsletter.















## ବିତର୍କ/ମତାମତ ସଂଗ୍ରହ

**୧୯୯୩ ତଦନ୍ତ ରିପୋର୍ଟ ନ ମିଳିବା ସରକାରଙ୍କ ଦକ୍ଷତାର ଅଭାବ ନୁହେଁ କି ?**

- ହଁ
- ନା
- ଅନ୍ୟାନ୍ୟ

Vote

ଫଳାଫଳ

**News letter**

**Newsletter Signup**

Name*

Email*

Subscribe

Unsubscribe

- ସିଆରପିଏଫ୍ ଯବାନଙ୍କ ଆତଙ୍କରାଜ
- ନାବାଳିକାକୁ ଗଣଧର୍ଷଣ
- ମହେନ୍ଦ୍ରତନୟା ପ୍ରକଳ୍ପ: ଆନ୍ଧ୍ର ଟେଣ୍ଡର ଡାକିବ
- ଦୁଇ ଉଜ୍ଜ୍ୱଳ ତାରକା ଅସ୍ତମିତ
- ରାଉରକେଲା ଶିଳ୍ପାଞ୍ଚଳରେ ମାଓବାଦୀଙ୍କ ବନ୍ଧୁକ କାରଖାନା: ମାଟିତଳୁ ବାହାରିଲା ବନ୍ଧୁକ ତିଆରି ସରଞ୍ଜାମ







## କଟାକ୍ଷ



ଗଞ୍ଜାମେ ବିଷାକ୍ତ ମଦରେ ମଦୁଆ ମରିଥେଲେ ମାଳମାଳ ଜଣକୁ ପାଞ୍ଚଟା ମଦ ଲାଇସେନ୍ସ ଦେଇଥେଲେ ଜିଲ୍ଲାପାଳ..... ଭାଇପ୍ରେମେ ହୋଇ ଭୋଳ..... ଜାଣି ନ ଥେଲେ ସେ ମୋବାଇଲି ମଧ୍ୟୁ ବାହାରିବ ମହାକାଳ.....

Make your attractive website with domain name booking and web space only @ **INR 3995**/- * for further information contact in

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768